# Akashvani, Sambalpur

## SAMBALPURI NEWS EVENING BULLETIN

## 22 August 2026-7.02- 7.12 pm.

---

୧- ସମୃଦ୍ଧ ଓଡ଼ିଶା ଲାଗି ସଫା ସହର୍ ଆଉ ସୁରକ୍ଷିତ୍ ପରିବେଶ୍ ଦିଗେ କାମ୍ କରୁଥିବା ଲୁକ୍‌କର୍ ସୁରକ୍ଷିତ୍ ଜୀବନ୍ ଅପରିହାର୍ଯ୍ୟ- କହେଲେ ମୁଖ୍ୟମନ୍ତ୍ରୀ ।

- ଅଗଷ୍ଟ ମାସର୍ ୪ ନମ୍ବର୍ ଶନିବାର୍‌କେ ଗରିମା ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ହେଲା ଘୋଷ୍‌ନା ।

୨- ୪ ବଛର୍‌ନୁ କମ୍ ବୟସର୍ ଛୁଆମାନ୍‌କର୍ ଲାଗି ହାଇଡ୍ରୋ କ୍ଲୋରାଇଡ୍ ମିଶ୍ରଣ୍ ଯୁକ୍ତ ୨ ଟା ଉଷୋ ଉପ୍‌ରେ କଟ୍‌କନା ଜାରି କଲେ କେନ୍ଦ୍ର ସର୍‌କାର୍ ।

୩- ଭୁବ୍‌ନେଶ୍ୱର୍ ନ ଚାଲିଛେ ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ।

ଆଉର୍

୪- ବଙ୍ଗୋପସାଗର ନ ସକ୍ରିୟ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ୨୧ ଟା ଜିଲ୍ଲାନ ବର୍ଷାର୍ ସମ୍ଭାବନା ।

ଗରିମା କର୍ମଶାଳା          ଆର୍‌ଏନ୍‌ୟୁ/ କଟକ୍

ସଫେଇ କର୍ମଚାରୀମାନକର୍ ସୁରକ୍ଷା, ସମ୍ମାନ ଆର୍ ମାନବିକ ମର୍ଯ୍ୟାଦା ଯେନ୍ତା ମିଲ୍‌ବା, ସେଟାକେ ସୁନିଶ୍ଚିତ୍ କର୍‌ବାର୍‌ଟା ସରକାରକର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱରର୍ ଲୋକସେବା ଭବନର୍ କନଭେନସନ ସେଂଟରନ 'ଗରିମା - ଦୁଇନମ୍ବର ଜାତୀୟ କର୍ମଶାଳା'ର ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ସଫେଇ କାମଥି କାହାରି ଜୀବନ୍ ଯେନ୍ତା ନାଇଁଯାଏ, ସେଥିରଲାଗି ସରକାର ପୁରା ଜୋର୍ ଦଉଛନ୍ । 'ସ୍ୱଚ୍ଛ ଭାରତ'ର୍ ଅସଲ୍ ଅର୍ଥ ହେଉଛେ ସଫେଇ କାମଥି ଲାଗିଥିବା ସବୁ ଲୁକ୍‌କୁ ସମ୍ମାନ ଦେବାର୍‌ଟା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ସହରକେ ସଫା-ସୁତୁରା ଆର୍ ସୁସ୍ଥ ରଖ୍‌ବାର୍‌ଥି ସଫେଇ କର୍ମଚାରୀମାନକର୍ ଅବଦାନ୍ ବହୁତ୍ ଆଏ । ସେମାନେ ହେଉଛନ୍ ଆମର୍ ସହରର୍ ଝନେ ଝନେ ନିରବ ସୈନିକ । ୩୫ଟା ଗରିମା

ଗୃହ ଜରିଏ ୮ ଶହ ୯୬ ଝନ୍‌କୁ ‘ସ୍ୱରେଜ୍ ଏଂଟ୍ରି ପ୍ରଫେସନାଲ’ କରାୟାଇଛେ । ସଫେଇ କାମଥି ବିପଦ ଶୂନ୍ୟ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ଲକ୍ଷ୍ୟ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

କାର୍ଯ୍ୟକ୍ରମଥି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗ ଦେଇକରି କହିଛନ୍, ସ୍ୱଚ୍ଛ ସହର ଗଢ଼ବାର୍ ସହେତେ ଓଡ଼ିଶାକେ ଆଗେଇ ନେବାର୍‌ଥି ସ୍ୱେଚ୍ଛାସେବୀମାନକର୍ ଭୂମିକା ବହୁତ୍ ପ୍ରଶଂସନୀୟ ଆଏ । ଆଏବା ଦିନେ ଗରିମା ସ୍ୱେଚ୍ଛାସେବୀମାନକୁ ଗାଁ ମାନ୍‌କେ ନିୟୋଜିତ୍ କରାୟିବା । ୨୦୪୭ ‘ବିକଶିତ ଭାରତ’ ଆରୁ ୨୦୩୬ ‘ସମୃଦ୍ଧ ଓଡ଼ିଶା’ର ଲକ୍ଷ୍ୟ ପୂରଣ କରବାର୍ ଲାଗି ସମସ୍ତଙ୍କୁ ମିଳିମିଶି କାମ୍ କର୍‌ବାର୍‌କେ ପଡ଼୍‌ବା ବଲି ଶ୍ରୀମତୀ ଗର୍ଗ କହିଛନ୍ । ‘ମିଶନ ଜିରୋ’ ଶୀର୍ଷକ ଜାତୀୟ କର୍ମଶାଳାଥି ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ବିଭାଗର୍ ଅଧିକାରୀମାନେ ଯୋଗଦେଇକରି ଭିନ୍ ଭିନ୍ ଦିଗ୍ ଉପରେ ଆଲୋଚନା କରିଥିଲେ । ଇ ଅବ୍‌ସରେ ହେଇଥିବାର୍ ‘ଗରିମା ପ୍ରଦର୍ଶନୀ’କେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କରିକରି ବୁଲି ଦେଖିଥିଲେ ।

ଗଭ୍-ଏଫ୍‌ବିସି ଆର୍‌ଏନ୍‌ୟୁ/ କଟକ୍

୪ ବଛର୍‌ନୁ କମ୍ ବଏସର୍ ଛୁଆମାନକର୍ ଲାଗି କେତେଟା ସ୍ୱତନ୍ତ୍ର ଡୋଜ୍ ମିଶ୍ରିତ ଔଷଧ୍ ଉତ୍ପାଦନ୍, ବିକ୍ରି ଆଉ ଯୋଗାଣ୍ ଉପ୍‌ରେ ସରକାର କଟକଣା ଲଗେଇଛନ୍ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ 'କ୍ଲୋରାଫେନିରାମାଇନ୍ ମାଲିଏଟ୍' ଆର୍ 'ଫେନାଇଲଏଫ୍ରିନ୍ ହାଇଡ୍ରୋ କ୍ଲୋରାଇଡ୍' ମିଶିଥିବା ଉଷୋ ଇଥି ସାମିଲ୍ ଅଛେ । ଛୁଆମାନକର୍ ସ୍ୱାସ୍ଥ୍ୟ ଆର୍ ସୁରକ୍ଷାକେ ନଜର୍‌ଥି ରଖିକରି ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରଣାଳୟ ତର୍‌ଫୁ ସ୍ପଷ୍ଟ କରାଯାଇଛେ । ଇତାର୍ ସହେତେ ଉଷୋ ତିଆର୍ କରୁଥିବାର୍ କମ୍ପାନୀମାନକୁ ଉଷୋ ପ୍ୟାକେଟ୍ ଉପରେ 'ନିର୍ଦ୍ଦିଷ୍ଟ ଡୋଜ୍ ମିଶ୍ରଣ' ୪ ବଛର୍‌ନୁ କମ୍ ବୟସର୍ ପିଲାମାନକୁ ଦିଆ ନାଇଁଯାଏ ବଲି ପ୍ରଚାର୍ ମୂଲକ୍ ସୂଚ୍‌ନା ଦେବାର୍‌କେ କୁହାଯାଇଛେ । ଗଲା ଜୁନ୍ ମାସେ ମନ୍ତ୍ରଣାଳୟ ତର୍‌ଫୁ ସାରା ଦେଶେ ୧୬ଟା ଧାରିଜ୍ ଡୋଜ୍ ମିଶ୍ରିତ ଉଷୋର ତିଆରି, ବିକ୍ରି ଆଉ ଯୋଗାଣ ଉପରେ ନିଷେଧାଦେଶ୍ ଜାରି

କରାଯାଇଥିଲା । ବିଶେଷଜ୍ଞ କମିଟି ଆଉ ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡର ସୁପାରିଶ୍ ଅନ୍‌ସାରେ ଇ ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରଣାଳୟ କହିଛେ ।

ଜାତୀୟ ଶିକ୍ଷକ ପୁରସ୍କାର ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ମାସ ୫ ତାରିଖ୍ ଗୁରୁ ଦିବସ୍ ଅବ୍‌ସରେ ନୂଆଦିଲ୍ଲୀର୍ ବିଜ୍ଞାନ ଭବନ ନ ଜାତୀୟ ଶିକ୍ଷକ ପୁରସ୍କାର-୨୦୨୬ ପ୍ରଦାନ କରବେ । ଇଥିରଲାଗି ଓଡ଼ିଶାର୍ ଜଗତସିଂହପୁର ଜିଲ୍ଲା ଆଲିପିଙ୍ଗଲ ସରକାରୀ ଉଚ୍ଚ ବିଦ୍ୟାଳୟର୍ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ମନୋନୀତ ହୋଇଛନ୍ । ସ୍କୁଲ ଶିକ୍ଷା ଆର୍ ସାକ୍ଷରତା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ତାଙ୍କୁ ଇ ସମ୍ମାନ ଦିଆଯାଉଛେ । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ନବୋଦୟ ବିଦ୍ୟାଳୟ ସମିତି, ସୈନିକ ସ୍କୁଲ, ଆଦର୍ଶ ଜନଜାତି ସ୍କୁଲ ଆର୍ ପ୍ରଧାନମନ୍ତ୍ରୀ ଶ୍ରୀ ସ୍କୁଲ ବାଗିର୍ ଅନୁଷ୍ଠାନର୍ ୪୮ ଜଣ ଶିକ୍ଷକ ଚଳିତ ବରଷ ଏହି ସମ୍ମାନଥି ସମ୍ମାନିତ ହେବେ ।

ଶ୍ରୀମନ୍ଦିର ଗଣତି ମଣତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର ନ ଭିନ୍ ଭିନ୍ ପର୍ବପର୍ବାଣୀକୁ ନଜର୍‌ଥି ରଖିକରି ଆଏବା ୩୧ ଆର୍ ଆଏବା ମାସ ୧ ତାରିଖ୍ ଦିନ୍ ରତ୍ନଭଣ୍ଡାରର୍ ଗଣତି ମଣତି କରାଯିବା ବଲି ନିଷ୍ପତି ନିଆଯାଇଛେ । ରାଜ୍ୟ ସରକାରଙ୍କର୍ ତର୍‌ଫୁ ଅନୁମୋଦିତ ବ୍ୟବସ୍ଥାବଲୀ ଅନ୍‌ସାରେ ଏହି ଗଣତି ମଣତି ହେବା ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ ।

ଖରିଫ୍ ଋତୁ ପଞ୍ଜୀକରଣ ଆର୍‌ଏନ୍‌ୟୁ/ କଟକ୍

ଖରିଫ୍ ଧାନ୍ ବିକ୍‌ବାର୍ ଲାଗି ଏବତକ୍ ୭ ଲାଖ୍‌ନୁ ଅଏତ୍‌କା ଚାଷୀ ନାଁ ପଞ୍ଜୀକରଣ କରିଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ନାଁ ପଞ୍ଜୀକରଣ

କାମକେ ସହଜ୍ କରାଯାଇଥିବାର୍ ଲାଗି ଚାଷୀମାନେ ପୁରା ସରଲ ଆର୍ ସହଜ୍‌ଥି ନିଜର୍ ନାଁ ପଞ୍ଜିକରଣ୍ କରିପାରୁଛନ୍ । ଗଲାକାଏଲ୍ ଦିନେକେ ୧ ଲାଖ୍ ୨୦ ହଜାର୍ ଚାଷୀ ନାଁ ପଞ୍ଜୀକରଣ କରିଛନ୍ । ଦରକାରୀ କାଗଜପତର୍  ନେଇକରି ପାକ୍ସ ଆରୁ ଲାମ୍ପସ ନ ଆଏବା ୩୧ ତାରିଖ୍ ଭିତରେ ଚାଷୀମାନକୁ ନାଁ ପଞ୍ଜୀକରଣ କରବାର୍ ଲାଗି ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ବିଶ୍ୱ ଆଥଲେଟିକ୍ସ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ଜାରି ରହିଛେ । ପ୍ରତିଯୋଗିତାଥି ୨୬ ଟା ଦେଶ୍‌ନୁ ପାଖାପାଖି ଶହେ ୯୮ ଝନ୍ ପ୍ରତିଷ୍ଠିତ୍ ଆଥ୍‌ଲେଟ୍ ଭାଗ୍ ନେଉଛନ୍ । ଆଏଜ୍ ସଞ୍ଜ୍‌ବେଳେ ଆନୁଷ୍ଠାନିକ୍ ଭାବେ ଇ ପ୍ରତିଯୋଗିତାର୍ ବିଜେତାମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ  ପୁରସ୍କାର୍ ଦେବେ । ଇଥି ୧୨ ଟା ଏସୀୟ ଦେଶର୍ ଶହେ ୪୩ ଝନ୍ ଶ୍ରେଷ୍ଠ ଖେଳାଳି

ସାମିଲ୍ ହେଇଛନ୍ । ମୁଖ୍ୟ ଅନ୍ତର୍ଜାତୀୟ ଦଲ୍ ମାନ୍କର୍ ଭିତ୍ରେ ଶ୍ରୀଲଙ୍କାର୍ ୨୪, ଦକ୍ଷିଣ୍ ଆଫ୍ରିକାର୍ ୧୭ ଆର୍ ବ୍ରାଜିଲ୍ର ୧୧ ଝନ୍ ପ୍ରତିଯୋଗୀ ଭାଗ୍ ନଉଛନ୍ । ପ୍ରତିଯୋଗିତାଥି ଓଡ଼ିଶାର୍ କ୍ରୀଡ଼ାବିତ୍ ଅନିମେଷ୍ କୁଜୁର୍, ସ୍ୱାଧୀନ୍ କୁମାର୍ ମାଝୀ, କିଶୋର୍ ଜେନା, ବାପି ହାଁସ୍ଦା, ଶ୍ରାବଣୀ ନନ୍ଦ ଆଉ ପ୍ରଜ୍ଞା ପ୍ରଶାନ୍ତି ସାହୁ ଭାଗ୍ ନେଇଛନ୍ । ଗଲା ବଛ୍ରର୍ ସଫଲ୍ ବ୍ରୋଞ୍ଜ୍ ସ୍ତରୀୟ ପ୍ରତିଯୋଗତା ଉତ୍ରୁ ସିଲ୍ଭର୍ସ୍ତରୀୟ ପ୍ରତିଯୋଗିତା ଆୟୋଜନ୍ କରାଯାଉଛେ । ଇ ଦିନ୍କିଆ ପ୍ରତିଯୋଗିତାଥି  ପୁରୁଷ ଆଉ ମହିଲାକର୍ ଲାଗି ସମାନ ଭାବେ ୧୮ଟା ଇଭେଂଟ ରହିଛେ । ୨୦୨୮ ମସିହାଥି କଲିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍କେ ଥିବା ବିଶ୍ୱ ଆଥ୍ଲେଟିକ୍ସ ଇନଡୋର୍ ଚାମ୍ପିଅନ୍ସିପ୍ ଆଉ ଏସୀୟ ଇନ୍ଡୋର୍ ଆଥ୍ଲେଟିକ୍ସ ଚାମ୍ପିଆନ୍ସିପ୍ ଲାଗି ଇଟା ଗୁଟେ ବଡ଼ ପ୍ରସ୍ତୁତି ଆଏ । ସବିଶେଷ୍ ସୂଚ୍ନା ଅନ୍ସାରେ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ମହିଲା ଶହେ ମିଟର୍ , ଲିଲି ଦାସ ୧ ହଜାର୍ ୫ ଶହ ମିଟର୍ ଦୌଡ଼ଥି ରୌପ୍ୟ ପଦକ୍ ହାସଲ୍ କରିଛନ୍ ।

ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ଅବସ୍ଥା ଆର୍ଏନ୍ୟୁ/ କଟକ୍

ବନ୍ୟା ଉତ୍ରର୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକେ ମଜ୍ବୁତ୍ କରବାର୍ ସହେତେ ପ୍ରଭାବିତ ଇଲାକା ନ ସ୍ୱାସ୍ଥ୍ୟର ସ୍ଥିତି ଉପରେ ଲଗାତାର୍ ନଜର୍ ରଖ୍ବାର୍ ଆଉ ଦରକାରୀ ସାହାଯ୍ୟ ସୁନିଶ୍ଚିତ୍ କର୍ବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗର୍ ବରିଷ୍ଠ ଅଫିସରମାନଙ୍କୁ ପ୍ରଭାବିତ ଜିଲ୍ଲାମାନକେ ପଠାଯାଇଛେ । ସେମାନେ ପ୍ରଭାବିତ ଜାଗାମାନକେ ଯାଇକରି ସ୍ଥିତିର ଅନୁଧ୍ୟାନ କରବାର୍ ସହେତେ ଭିନ୍ ଭିନ୍ ବିଭାଗ୍ ସାଙ୍ଗେ ସମନ୍ୱୟ ରଖିକରି ପଦକ୍ଷେପ ନେବେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍, ବେଶୀଦିନ୍ ରହିଥିବା ବନ୍ୟା ଉତ୍ରୁ ପ୍ରଭାବିତ ଇଲାକା ମାନ୍କେ ଯେନ୍ତା କେନ୍ସି ପ୍ରକାରର୍ ମହାମାରୀ କି ରୋଗ୍-ବେମାର୍ ନାଇଁ ବାହାରିବା ସେଥିରଲାଗି ସ୍ୱାସ୍ଥ୍ୟ ବିଭାଗ ସଚେତନ ରହେବାର୍ ସହେତେ ତାକେ ଅଟ୍କାବାର୍ ଲାଗି ପଦକ୍ଷେପ ନେଇଛନ୍ । ବଏଢ଼୍ ପାଏନ୍ କମ୍ବାର୍ ଉତ୍ରୁ ରାସ୍ତାଘାଟ ଆର୍ ସର୍ବସାଧାରଣ ଜାଗାମାନଙ୍କୁ ପୁରାପୁରି ସଫା କରବାର୍ ସହେତେ ଜୀବାଣୁ

ମୁକ୍ତ କରବାର୍ ଲାଗି ପଦକ୍ଷେପ ନିଆଯିବା । କୁଆଁ, ନଳକୂଆଁ ବାଗିର୍ ପିଇବାର୍ ପାନି ଥିବା ଜାଗାମାନ୍‌କେ ସଫା-ସୁତୁରା ଆର୍ ବିଶୋଧନ କରାଯିବା । ରାଜ୍ୟ ସରକାର ପୁରା ପ୍ରତିବଦ୍ଧତାର ସହେତେ କାମ କରୁଛନ୍ ବଲି ଶ୍ରୀମତୀ ଗର୍ଗ କହିଛନ୍ ।

କନ୍ଧମାଲ୍ ସାଂସଦ-ବୌଦ୍ଧ ଗସ୍ତ        ବୌଦ୍ଧ ସମ୍ବାଦଦାତା

କନ୍ଧମାଲ୍ ସାଂସଦ୍ ସୁକାନ୍ତ ପାଣିଗ୍ରାହୀ ଆଏଜ୍ ବୌଦ୍ଧ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କର୍‌ବାର୍ ସହେତେ ବୈଠକ୍‌ଥି ଜିଲ୍ଲାର୍ ଉନ୍ନୟନ୍ କାମ୍‌ମାନ୍‌କର୍ ସମୀକ୍ଷା କରିଛନ୍ । ବାଉଁଶୁଣି ଠାନେ ତିଆରି ଚାଲିଥିବା ମହାନଦୀ ସେତୁ ବୁଲି ଦେଖିବାର୍ ସହେତେ ଧାରିଜ୍ ସମିଆଥି କାମ୍ ସାର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଇତାର୍‌ଛଡ଼ା ଜହ୍ନାପଙ୍କ ଠାନେ ନୂଆଁ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନ୍ କରିକରି ଶିଶୁମନ୍ଦିର୍ ନ ଶ୍ରେଣୀଗୃହର୍ ଶିଳାନ୍ୟାସ୍ କରିଛନ୍ ।

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର୍ କାର୍ଯ୍ୟାଳୟ ନ ଯୌତୁକ ନିରୋଧ ଆଇନ-୧୯୬୧ ବାବଦେ ଗୁଟେ ଦିନ୍‌କିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଯାଇଛେ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କର୍ ସଭାପତିତ୍ୱ ଥି ହୋଇଥିବା କାର୍ଯ୍ୟକ୍ରମଥି ଯୌତୁକ ନିରୋଧ ଆଇନର ଅଲଗା ଅଲଗା ଦିଗ୍, ଆଇନଗତ (ପ୍ରାବଧାନ), ଦଣ୍ଡବିଧାନ ଆର୍ ସମାଜଥି ଇତାର୍ ସଠିକ୍ ବେଭାର୍ ବାବଦରେ ଆଲୋଚନା କରାଯାଇଥିଲା ।

ଓଡ଼ିଶା ଅର୍ବାନ୍ କନ୍‌କ୍ଲେଭ୍          ଆଇ.ଆଣ୍ଡ୍.ପି.ଆର୍

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ନ ଆଏବା କାଏଲ୍ ପୌରସଂସ୍ଥାମାନ୍‌କର୍ ଲାଗି ଗୁଟେ ସାମଗ୍ରିକ୍ ସମୀକ୍ଷା

ଆଉ ଅନୁସ୍ଥାପନ୍ କାର୍ଯ୍ୟକ୍ରମ୍ ଓଡ଼ିଶା ଅର୍ବାନ୍ କନ୍‌କ୍ଲେଭ୍ - ୨୦୨୬ ହେବା । ଇଥି ବରିଷ୍ଠ ପ୍ରଶାସକ ନଗର୍ ଯୋଜ୍‌ନାକାରୀ ପୌର ପ୍ରତିନିଧି ଆଉ ଯନ୍ତ୍ରୀମାନେ ଚାଲୁଥିବା ଯୋଜ୍‌ନାମାନ୍‌କର୍ ସମୀକ୍ଷା, କ୍ଷେତ୍ରସ୍ତରୀୟ ସମସ୍ୟାମାନ୍‌କର୍ ଚିହ୍ନଟ୍ ଆଉ ରାଏଜେ ତୁର୍ତି ଆଉ ଅଏତ୍‌କା ପ୍ରଭାବ୍‌ଶାଲୀ ସହରାଂଚଲ୍ ରୂପାନ୍ତରଣ୍ ଲାଗି ରଣନୈତିକ୍ ପ୍ରାଥମିକତା ଥିର୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ଯୋଗ୍ ଦେବେ ।

ଅମ୍ଳଜାନ୍ ବେଙ୍କ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍‌ର ଖୁଦପେଜ ଗ୍ରାମ୍‌ପଂଚାୟତ୍ ନ ଅମ୍ଳଜାନ୍ ବେଙ୍କ୍ ଉଦ୍‌ଘାଟିତ୍ ହେଇଯାଇଛେ । ଅମ୍ଳଜାନ୍ ବେଙ୍କ୍‌କେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଉଦ୍‌ଘାଟନ୍ କରିକରି ନୂଆଁ ଉପେଥି ବିକଶିତ୍ ପରିକଳ୍ପନା କରାଯାଇଛେ ବଲି କହିଛନ୍ । ଇ ଅମ୍ଳଜାନ୍ ବେଙ୍କ ୬ ଏକଡ଼୍ ଜମିଥି ୬ ହଜାର୍‌ନୁ

ଅଏତ୍କା ଫଲ୍ଗଛ୍ ଲଗାଯାଇକରି ଅମ୍ଲଜାନ୍ ସୃଷ୍ଟି କର୍ବାର୍କେ ଚେଷ୍ଟା କରାଯାଇଛେ । ଆଏବା ଦିନେ ଇ ପ୍ରକଳ୍ପ ଗୁଟେ ପର୍ଯ୍ୟଟନ୍ର ମାଏନ୍ତା ପାଏବା । ଇତାର୍ସହେତେ ଗ୍ରାମ୍ପଂଚାୟତ୍ ନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସାପ୍ତାହିକ୍ ବଜାର୍ ଭିଲ୍ ଉଦ୍ଘାଟିତ୍ ହେଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ଇତାର୍ ଆଖପାଖ୍ ଉତର ପଶ୍ଚିମ ବଙ୍ଗୋପସାଗର, ଉତର ଆନ୍ଧ୍ରପ୍ରଦେଶ ଆଉ ଦକ୍ଷିଣ ଓଡ଼ିଶା ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ଅଛେ । ଇଟା ଆଏବା ୨୪ ଘଂଟା ଭିତରେ ଲଘୁଚାପ୍ଥି ବଦଳିବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର ଭିନ୍ ଭିନ୍ ଜାଗାମାନକେ ଜବର୍ ବର୍ଷା ହେବାର୍ ଆଶା ଅଛେ । ଆସୁଥିବାର୍ ୨୪ ଘଂଟା ଭିତରେ ବିଜୁଳି ଆରୁ ଘଡ଼ଘଡ଼ି ସାଙ୍ଗେ ବର୍ଷା ହେବା ନେଇକରି ୨୧ଟା ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।